# “ଓମିକ୍ରନ୍”, କୋଭିଡ଼ର ସମ୍ଭାବ୍ୟ ତୃତୀୟ ଲହର ଓ ଆବଶ୍ୟକ ସତର୍କତା

ହଁ , ସେଇ ପୁରୁଣା କଥା , କିନ୍ତୁ ଶୁଣିବା ଜରୁରୀ....................

କୋଭିଡ଼ର ପ୍ରଥମ ଲହର ଯେତିକି ଡରାଇଥିଲା , ଦ୍ୱିତୀୟ ଲହର ସେତିକି କନ୍ଦାଇଲା । କାରଣ ଏଥିରେ କୋଭିଡ଼ ଜନିତ ମୃତ୍ୟୁ ସଂଖ୍ୟା ଟିକେ ଅଧିକ ଥିଲା । ଉପରେ ନ ମାନିଲେ ବି ଭିତରେ ଆମେ ସମସ୍ତେ ମାନିବା ଯେ ପ୍ରଥମ ଲହରରେ ଆମେ ଯେତିକି ସତର୍କ ରହିଥିଲେ ଦ୍ୱିତୀୟ ଲହର ସମୟରେ ସେତିକି ରହିଲେ ନାହିଁ । ଆମର ଢ଼ିଲାପଣ ଯୋଗୁ କେବଳ ଆମେ ନୁହେଁ, ଆମ ପରିବାର ଓ ସାଙ୍ଗ ସାଥୀ , ସହକର୍ମୀ, ସାଇପଡିଶା ସମସ୍ତଙ୍କୁ ହଇରାଣ ହେବାକୁ ପଡିଲା । ଏବେ ପୁଣି କୋଭିଡ଼ର ଆଉ ଏକ ଦ୍ରୁତ ସଂକ୍ରମଣ ହେଉଥିବା ରୂପ "ଓମିକ୍ରନ୍" ଦେଶକୁ ଦେଶ ମାଡି ଚାଲିଲାଣି । ଏହା କେତେ ଭୟଙ୍କର ବା ଏହାକୁ ପ୍ରତିରୋଧ କରିବା ପାଇଁ ଆଉ କିଛି ନୂଆ ଉପାୟ ଦରକାର କି ନାହିଁ , ତାହା ଏବେଠୁ କହିବା ସମ୍ଭବ ନୁହେଁ । ତେବେ ଏକଥା ସତ୍ୟ ଯେ ବର୍ଷ ବର୍ଷ ଧରି ଲକ୍ ଡାଉନ , ସଟ୍ ଡ଼ାଉନ ଭଳି ପଦକ୍ଷେପ ନେବା ସରକାରଙ୍କର ଇଚ୍ଛା ନୁହେଁ, କାରଣ ଏହାଦ୍ୱାରା ସାଧାରଣ ଗରିବ ଜନତାଙ୍କ ପେଟ ପାଟଣା ବାଧା ପ୍ରାପ୍ତ ହେଉଛି। କିନ୍ତୁ କଣ୍ଟା ଭର୍ତ୍ତି ରାସ୍ତାରୁ କଣ୍ଟା ସଫା କରିବାକୁ ଯେତେ କଷ୍ଟ ପଡିବ , ଆମେ ଯଦି ଜୋତା ପିନ୍ଧି ସେହି ରାସ୍ତାରେ ଯିବା , ସେ ଖର୍ଚ୍ଚ ବହୁତ କମ୍ ପଡିବ। ଆମେ କଣ ଏତିକି ନିଜପାଇଁ କରିବା ନାହିଁ ?


ଲୋକେ ପଚାରୁଛନ୍ତି , ଆମେତ ସବୁ ମାନୁଛୁ, ଟୀକା ନେଲୁ , ପୁଣି ତୃତୀୟ ଲହର କଥା କାହିଁ କି ? ହଁ , ଆମେ ସବୁ କରିଛୁ । କିନ୍ତୁ ଥରେ ଭାବିଲେ ଦେଖି । ଏତେବଡ ନଈ ବନ୍ଧରେ ଛୋଟିଆ ଘଳିଆଟିଏ ଯଦି ଆମ ଅଜାଣତରେ କେଉଁଠି ରହି ଯାଇଥାଏ ତାହାହେଲେ ବଢିଲା ନଈ କଣ ଆମ କଥା ଶୁଣିବ ? ଛାଡନ୍ତୁ ସେ କଥା ; ଯଦି ଆପଣଙ୍କ ଆଖି ଆଗରେ ଆପଣଙ୍କ ଶତ୍ରୁଟିଏ ବି କୋଭିଡ଼ରେ ଆଖି ବୁଜି ଦିଏ ଆପଣଙ୍କ ପାଟିରୁ ଅଜାଣତରେ ଆହା ପଦଟିଏ ବାହାରି ଆସୁଛି କାହିଁକି ? କାରଣ କୋଭିଡ଼ ଆମ ସମସ୍ତଙ୍କର ବର୍ତ୍ତମାନ ବଡ ଶତ୍ରୁ ଏବଂ କୋଭିଡ଼ କୁ ହରାଇବା ପାଇଁ ସମଗ୍ର ମଣିଷ ଜାତି ଏକ ହୋଇ ଲଢୁଛି । ଆଉ ଆମେ କଣ ସମସ୍ତଙ୍କ ଠାରୁ ଅଲଗା କି ?

ଆସନ୍ତୁ , "ଓମିକ୍ରନ୍" ଓ ତୃତୀୟ ଲହର ସମ୍ପର୍କରେ ଆଉ କିଛିକଥା ଜାଣିବା ଓ ତାକୁ କାମରେ ଲଗାଇବା । ସମାଜ କୁ ଓ ନିଜକୁ ସୁରକ୍ଷିତ ରଖିବା ।


ଓଡ଼ିଶା ସରକାର , ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ।

## କୋଭିଡ଼ର ନୂଆ ରୂପ "ଓମିକ୍ରନ୍" କ'ଣ ?


ଆମେ ଜାଣିଛୁ ଯେ କୋଭିଡ଼ ଏକ ନୂଆ ରୋଗ ଏବଂ ଭୂତାଣୁ ଜନିତ ରୋଗ । ଭୂତାଣୁ ମାନଙ୍କ ଚରିତ୍ର ବଡ ବିଚିତ୍ର । ପରିବେଶ ଓ ପରିସ୍ଥିତି ସହ ଖାପ ଖୁଆଇବାକୁ ଏମାନେ ବାରମ୍ବାର ନିଜର ଗୁଣ, ଗଠନ ଓ କାର୍ଯ୍ୟ କରିବାର ତରିକା ବଦଳାଇ ଚାଲନ୍ତି । ଆମେ ଜାଣୁ , ଭୂତାଣୁ ଜୀବାଣୁ ପରି ଏକ ପୂର୍ଣ୍ଣାଙ୍ଗ ଜୀବ ନୁହେଁ ବରଂ , ଏହା ଜୀବକୋଷକୁ ନିଜ ଢାଞ୍ଚାରେ ତିଆରି କରିବାକୁ ବାଧ କରୁଥିବା ଏକ ଜୈବିକ ଛାଞ୍ଚ । ଏଇ ଯେମିତି ମୂର୍ତ୍ତି ତିଆରି ଛାଞ୍ଚ ।



ସେଥିରେ ଓଦା ମାଟି ପୁରାଇ ଚାପି ଦେଲେ ଛାଞ୍ଚ ଅନୁସାରେ ଗଣେଶ, କିମ୍ବା ଦୂର୍ଗା , କିମ୍ବା ପଶୁ ପକ୍ଷୀଙ୍କର ରୂପ ତିଆରି ହୋଇ ଯାଏ । ସେହିପରି ଭୂତାଣୁ ଟିଏ ଆମ ଶରୀରରେ ପ୍ରବେଶ କରିଗଲାପରେ ନିଜ ଛାଞ୍ଚରେ ଆମ ଜୀବକୋଷ ଗୁଡିକର ପ୍ରୋଟିନ କୁ ବ୍ୟବହାର କରି ଆଉ ଗୋଟିଏ ଲେଖା ଭୂତାଣୁ ସୃଷ୍ଟି କରି ଚାଲେ ।



ଯଦି ମଝିରେ ଶରୀର ରେ ସେହି ନିର୍ଦ୍ଦିଷ୍ଟ  ଭୂତାଣୁ ବିରୁଦ୍ଧରେ ରୋଗ ପ୍ରତିରୋଧ୍ ଶକ୍ତି ତିଆରି ହୋଇଯାଏ କିମ୍ବା ଔଷଧ ପ୍ରୟୋଗ କରାଯାଏ ତେବେ ଭୂତାଣୁ ନିଜର ରୂପ ବଦଳାଇ ନିଜକୁ ରକ୍ଷା କରିବାକୁ ଚେଷ୍ଟା କରେ । **"ଓମିକ୍ରନ୍"**  ମଧ୍ୟ ଏହି ଭଳି କରୋନା ଭୁତାଣୁର ନୂଆ ଭାବେ ତିଆରି ହୋଇ ଥିବା ଏକ ରୂପ ।



ଏଥର କରୋନା ଭୁତାଣୁର ବାହାର ଖୋଳପାରେ ଥିବା କଣ୍ଟା ଭଳି ଅଂଶ ରେ ଅନେକ ପରିବର୍ତ୍ତନ ହୋଇ ଥିବା ଯୋଗୁ ଏହା ପୂର୍ବ ଅପେକ୍ଷା ଅଧିକ ବେଗରେ ଓ କମ୍  ସମୟରେ ଅନେକ ଲୋକଙ୍କୁ ସଂକ୍ରମିତ କରୁଛି । ଯେପରି ପୋଷାକ ହଠାତ ବଦଳାଇଦେଲେ କିମ୍ବା ଚୁଟି ବା ଦାଢି ନିଶ  କାଟି ଦେଲେ ଜଣକୁ ଚିହ୍ନିବା କଷ୍ଟ ହୁଏ , ସେହିପରି କରୋନା ଭୂତାଣୁର ଏହି ନୂଆ ପ୍ରଜାତିକୁ  ଚିହ୍ନିବାରେ ଆମ ଶରୀର ଓ  ଡାକ୍ତରୀ ପରୀକ୍ଷା ପଦ୍ଧତି ମଧ୍ୟ ସମସ୍ୟାରେ ପଡୁଛି । ଏଣୁ ଏହି ପ୍ରଜାତିର କରୋନା ଭୂତାଣୁ ପାଇଁ ନିଶ୍ଚିତ ଭାବରେ ଅଧିକ ସତର୍କତା ଜରୁରୀ, ଏଥିରେ ସନ୍ଦେହ ନାହିଁ।

## ତେବେ  ଏହାକୁ କିପରି ଚିହ୍ନା ଯାଏ ?

ଯେପରି ଆଗରୁ କେବେ  ଦେଖିନଥିବା ଲୋକକୁ ଚିହ୍ନାଇବା ପାଇଁ ଆମେ ତା ଦେହରେ ଥିବା କିଛି ଚିହ୍ନ  ( *ମୁହଁରେ ବଡ କଳା ଯାଇ ଚିହ୍ନ, ଡାହାଣ ହାତର ବିଷୟ ଆଙ୍ଗୁଠି କଟି ଯାଇଛି ,  ମାଗୁର ନିଶୁଆ , ଟେରା ଆଖି, ହାତରେ ଚିତା  କୁଟାଇଛି , ଇତ୍ୟାଦି* ) ବିଷୟରେ କହୁ କିମ୍ବା  ସବୁ ବେଳେ କଳା  ଟି ସାର୍ଟ ଓ ଲୁଙ୍ଗୀ ପିନ୍ଧେ, ବାଁ  ହାତରେ ସବୁ କାମ କରେ, ଇତ୍ୟାଦି ସୂଚନା ଦେଇଥାଉ , ସେହିପରି ଭୁତାଣୁର ପ୍ରୋଟିନ ଜଞ୍ଜିର ରେ ଭିନ୍ନ ଭିନ୍ନ ପ୍ରକାର ପ୍ରୋଟିନ କଣିକା ଏକ ନିର୍ଦ୍ଦିଷ୍ଟ କ୍ରମରେ ସଜାଇ ହୋଇ ରହିଥାଏ। ଭୁତାଣୁର ଅଲାଗା ଅଲଗା ପ୍ରଜାତି ପାଇଁ ଏହା ଅଲଗା ଅଲଗା ହୁଏ ।

ଏହି କ୍ରମକୁ ଜୈବ  ରାସାୟନିକ  ପ୍ରକ୍ରିୟାରେ ଚିହ୍ନଟ କରି ଭୂତାଣୁର  ନିର୍ଦ୍ଦିଷ୍ଟ ପ୍ରଜାତିକୁ ଚିହ୍ନଟ କରା ଯାଏ, ଯାହାକୁ ଇଂରାଜୀରେ **"ଜିନୋମ ସିକୁଏନସିଂ"**  କୁହାଯାଏ ।

## "ଓମିକ୍ରନ୍"  ର ନାଁ ଏମିତି କାହିଁକି ଦିଆ ଯାଇଛି ?

କୋଭିଡ୍ ରୋଗ ସୃଷ୍ଟି କରୁଥିବା କରୋନା ଭୂତାଣୁ ତା'ର ରୂପକୁ ବାରମ୍ବାର ବଦଳାଉଛି । ପ୍ରତ୍ୟେକ ନୂଆ ରୂପର  ନାଁ ଦେବାକୁ ଗ୍ରୀକ୍ ବର୍ଣ୍ଣ ମାଳାର ଅକ୍ଷର ବ୍ୟବହାର କରାଯାଏ। ଯେପରି **ଆଲଫା , ବିଟା , ଗାମା , ଡେଲ୍ଟା , ଓମିକ୍ରନ**  , ଇତ୍ୟାଦି ।


## "ଓମିକ୍ରନ୍"  ପ୍ରଜାତିର ଭୂତାଣୁ ପୂର୍ବାପେକ୍ଷା ଭୟଙ୍କର କି ?

ଏପର୍ଯ୍ୟନ୍ତ ଏ ବିଷୟରେ ସବୁ କଥା ଠିକ୍ ଭାବେ ଜଣା ପଡି ନାହିଁ  । ଏ ବିଷୟରେ ବୈଜ୍ଞାନିକ ମାନେ ପରୀକ୍ଷା ନିରୀକ୍ଷା ଚାଲୁ ରଖିଛନ୍ତି ଓ ଖୁବ ଶୀଘ୍ର ସଠିକ ତଥ୍ୟ ମିଳିଯିବ । ତେବେ ଏତିକି କୁହା ଯାଇ ପାରେ ଯେ ଏ ପ୍ରଜାତିଟି ପୂର୍ବ ଅପେକ୍ଷା ଅଧିକ ସଂକ୍ରାମକ । ଯଦିଓ ଏଥିରେ ଜୀବନ ହାନୀ  ଅଧିକ ହୋଇନାହିଁ, କିମ୍ବା ଅଧିକ ଗୁରୁତର ଲକ୍ଷଣ ଏପର୍ଯ୍ୟନ୍ତ ନଜରକୁ ଆସି ନାହିଁ , ତଥାପି ଏହା ଅଧିକ ଲୋକଙ୍କୁ ଖୁବ କମ୍ ସମୟରେ ସଂକ୍ରମିତ କରୁଥିବାରୁ ଚିନ୍ତା ବଢାଇଛି । ଭବିଷ୍ୟତରେ ଯେ ଏହାର ମାରାତ୍ମକ ଗୁଣ ପ୍ରକାଶ ନ ପାଇବ, ସେ କଥା କହି ହେବନି । ତେଣୁ ସାବଧାନତା ଜରୁରୀ। ମନେ ରଖନ୍ତୁ ଫଁ ଫଁ  କରୁଥିବା ନାଗ ସାପ ପାଇଁ ଯେତିକି ସତର୍କତା ଆବଶ୍ୟକ, ଆଦୌ ଶବ୍ଦ କରୁନଥିବା ରଣା ସାପ ପାଇଁ ମଧ  ସେତିକି ସାବଧାନ ହେବା  ଜରୁରୀ । ବିଶେଷ କରି ଶିଶୁମାନଙ୍କ ପାଇଁ ଅଧିକ ସତର୍କ ରହିବା ଦରକାର ।

**ଏଥିପାଇଁ ଆମେ କ'ଣ କରିବା ?ସେଇ ପୁରୁଣା କଥାକୁ ଦୋହରାଇବା , କିନ୍ତୁ ନିଷ୍ଠାର ସହ** :



## ହଁ , ଆଉ ଗୋଟିଏ କଥା ...........




## କୋଭିଡ଼ ଟୀକା "ଓମିକ୍ରନ୍" ଠାରୁ ସୁରକ୍ଷା ଦେବାକୁ ସକ୍ଷମ କି ?

ହଁ , ଟୀକା ନେଇଥିବା ବ୍ୟକ୍ତି ଗୁରୁତର ହେବାର ଆଶଙ୍କା କମ୍ । ଆମ ଲୋକ କଥାରେ ଅଛି , ନାହିଁ ମାମୁ ଠାରୁ କଣା ମାମୁ ଭଲ । ଏ କଥା ଯାହା ଆମ ବଡ ପୁରୁଷେ କହିଛନ୍ତି କ'ଣ ମିଛ ? ଆମେ ଜାଣିଛୁ ସବୁ ରୋଗୀଙ୍କୁ ବଞ୍ଚାଇବା ସବୁ ବେଳେ ସମ୍ଭବ ନୁହେଁ । ତା ବୋଲି କଣ ଆମେ ରୋଗୀର ଚିକିତ୍ସା କରିବାକୁ ମନା କରିବା ? ତେବେ କୋରୋନା ଟୀକା ନେବାରେ ଅବହେଳା କାହିଁକି ? ଏବେବି ସମୟ ଅଛି , ହେଲେ କମ୍ । ଆଉ ଡେରିନକରି ଯୋଗ୍ୟବ୍ୟକ୍ତି ଆଜି ହିଁ ଟୀକା ନେବାକୁ ଆସନ୍ତୁ । ପୁରା ଟୀକା , ଦିଏ ସୁରକ୍ଷା ।

## ହେଇଟି ମନେ ରଖନ୍ତୁ ...............

ଏବେ ବାହାଘର ମାସ ଚାଲିଛି । ଲୋକ ଗହଳି ଆମ ପାଇଁ ଭାରି ବିପଦ । ଏ ଯେଉଁ ଓମିକ୍ରନ୍, ଜଣକ ଠାରୁ ଆଉ ଜଣକୁ କ'ଣ , ଏକାବେଳେ ଶହେ ଜଣକୁ ଡେଇଁ ପଡିବ । ସାବଧାନ ! ଶୋଭା ଯାତ୍ରା , ଭିଡ , ଭୋଜିଭାତ କରନ୍ତୁ , କିନ୍ତୁ ସରକାରଙ୍କ ନିୟମ ମାନି ।

## ଆଉ କ'ଣ କ'ଣ ମାନିବା ଜରୁରୀ ?

"ଓମିକ୍ରନ୍" ବାହାର ଦେଶରୁ ଆସିଛି। ଆମ ଦେଶରେ ମଧ୍ୟ କିଛି ରାଜ୍ୟ ଓ ରାଜଧାନୀ ଦିଲ୍ଲୀ ରେ ଏହା ଚିହ୍ନଟ ହେଲାଣି । ଆମ ରାଜ୍ୟରେ ଏପର୍ଯ୍ୟନ୍ତ ଏହା ଠାବ ହୋଇ ନଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଭଳି ବିପଦପୂର୍ଣ୍ଣ (ଆଟ୍ ରିସ୍କ ) ଦେଶରୁ ଏବଂ ମୁମ୍ବାଇ , ଦିଲ୍ଲୀ ଭଳି ସଂକ୍ରମିତ ଅଞ୍ଚଳରୁ ଓଡ଼ିଶାକୁ ଅନେକ ବ୍ୟକ୍ତି ଏଥି ମଧ୍ୟରେ ଆସିଛନ୍ତି। ବିପଦପୂର୍ଣ୍ଣ ଦେଶ ରୁ ଆସିଥିବା ସବୁ ଲୋକଙ୍କର ଏପର୍ଯ୍ୟନ୍ତ ସଙ୍ଗରୋଧ ପରବର୍ତ୍ତୀ ଆର:ଟି :ପି:ସି:ଆର ପରୀକ୍ଷା ( ***ଯାହା ଅତ୍ୟନ୍ତ ଜରୁରୀ***)ହୋଇ ପାରିନାହିଁ । ସେହିଭଳି କିଛି ଲୋକ ଭୁଲ ଠିକଣା ଓ ଭୁଲ ଫୋନ ନମ୍ବର ଦେଇଥିବାରୁ ତାଙ୍କୁ ଚିହ୍ନଟ କରିବା ସମ୍ଭବ ହେଉନାହିଁ। ଟିକେ ଭାବିଲେ , ଏଭଳି ହେଲେ ଆମ ନିଜ ହାତରେ ନିଜ ଗୋଡରେ କୁରାଢି ମାରିବା ସହ ସମାନ ନୁହେଁ ?

### ନିୟମ କହୁଛି :

**'ଓମିକ୍ରନ୍' ପ୍ରଜାତି ସଂକ୍ରମିତ ଦେଶରୁ ସଦ୍ୟ ଫେରିଥିବା କିମ୍ବା ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି କୋଭିଡ୍ ନେଗେଟିଭ୍ ଥିଲେ ମଧ୍ୟ ୭ ଦିନ ସଙ୍ଗରୋଧରେ ରହିବେ ଓ ଅଷ୍ଟମ ଦିନ ଆର୍.ଟି.ପି.ସି.ଆର୍ ପରୀକ୍ଷା କରାଇବେ। ପଜିଟିଭ୍ ଚିହ୍ନଟ ହେଲେ ହସ୍ପିଟାଲ୍ ଆଇସୋଲେସନ୍ ବାଧ୍ୟତାମୂଳକ। ରିପୋର୍ଟ ନେଗେଟିଭ୍ ହେଲେ ଆଉ ୭ ଦିନ ସ୍ୱ-ନିରୀକ୍ଷଣରେ ରହିବେ।**

**ଆମେ କ'ଣ ଏଇ ଛୋଟିଆ କଥା କେଇପଦ ମାନିବା ନାହିଁ ? ସମସ୍ତଙ୍କୁ ବିପଦରେ ପକାଇବା ? ଆମେ ଓଡ଼ିଶାର ଲୋକଟି ? ଆମ ଭାଇ ଭଉଣୀଙ୍କୁ , ଆମ ପରିବାର, ପଡୋଶୀ , ରାଜ୍ୟବାସୀ କଣ ଆମର ନୁହନ୍ତି ? ଯଦି ଏପରି କେହି ବ୍ୟକ୍ତି ଆପଙ୍କ ନଜରରେ ଅଛନ୍ତି ଦୟାକରି ନିଜ ଆଡୁ ୧୦୪ ନମ୍ବରକୁ** ଫୋନ କରି ଜଣାନ୍ତୁ ଓ ଆବଶ୍ୟକ ପରାମର୍ଶ ନିଅନ୍ତୁ ।

## ତୃତୀୟ ଲହର କ'ଣ ?

ବହୁ ଦିନ ଧରି ପ୍ରଭାବ ଜାରି ରଖିଥିବା ଭୂତାଣୁ ଜନିତ ରୋଗର ମାତ୍ରା ସବୁ ବେଳେ ସମାନ ନଥାଏ । ବର୍ଷର କିଛି ନିର୍ଦ୍ଦିଷ୍ଟ ସମୟରେ ହେଉ କିମ୍ବା ଭୂତାଣୁର ନୂଆ ପ୍ରଜାତି ଆସିଲେ ହେଉ , କିଛି ସମୟରେ ଏହା ଏକାବେଳେ ବହୁତ ଅଧିକ ଲୋକଙ୍କୁ ଆକ୍ରମଣ କରେ । ସମୁଦ୍ରରେ ଢେଉ ଆସିବା ଭଳି ହଠାତ ଅଳ୍ପ ସମୟରେ ବହୁ ରୋଗୀ ଚିହ୍ନଟ ହୁଅନ୍ତି । ଏହାକୁ ରୋଗର ଲହର ବୋଲି କୁହା ଯାଏ । କୋଭିଡ଼ ର ଏହିଭଳି ଦୁଇଟି ଲହର ଆମ ରାଜ୍ୟ ତଥା ଦେଶରେ ଆସି ସାରିଛି । "ଓମିକ୍ରନ" ପ୍ରଜାତି ଅଧିକ ସଂକ୍ରାମକ ହୋଇ ଥିବାରୁ ଆଉ ଏକ ଲହର ଆସିବାର ସମ୍ଭାବନାକୁ ଏଡାଇ ଦେଇ ହେବନି । ତେଣୁ ବେଳହୁଁ ସାବଧାନ ନହେଲେ ନେଡି ଗୁଡ କହୁଣିକୁ ବୋହି ଯିବ ।